**ଫର୍ମ II**

(ନିୟମ 7 ଦ୍ରଷ୍ଟବ୍ୟ)

**ଦାବି ଓ ଆପତ୍ତି ଦାଏର କରିବା ପାଇଁ ନୋଟିସ୍**

**ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳ** ଅଧିସୂଚିତ କ୍ଷେତ୍ର ପରିଷଦର ୱାର୍ଡ ନଂ **୧,୨,୩,୪,୫,୬,୭,୮,୯,୧୦, ୧୧,୧୨,୧୩,୧୪,୧୫ ଓ ୧୬** ର ଭୋଟଦାତା ମାନଙ୍କର ପ୍ରାଥମିକ ଭୋଟର ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଯଥାବିଧି ପ୍ରକାଶ କରାଯାଇଅଛି ।

ଯେଉଁ ବ୍ୟକ୍ତିଙ୍କ ବୟସ ତା. **୦୧.୦୧.୨୦୨୩** ରିଖ ଦିନ ୧୮ ବର୍ଷରୁ କମ୍ ହୋଇନଥିବ ଏବଂ ସେ ଭୋଟଦାତା ହେବାପାଇଁ ଅନ୍ୟଥା ଅଯୋଗ୍ୟ ହୋଇନଥିବେ, ସେ ତାଙ୍କ ନାମ ଏହି ତାଲିକାରେ ଦରଜ କରାଇବାକୁ ହକଦାର ହେବେ ।

ଯେଉଁ ବ୍ୟକ୍ତି ଏହି ତାଲିକାରେ ତାଙ୍କ ନାମ ଦରଜ କରାହେବା ପାଇଁ ଦାବି କରୁଥିବେ ଏବଂ ଯାହାଙ୍କ ନାମ ଏଥିରେ ଦରଜ କରାଯାଇନଥିବ କିମ୍ବା ସଠିକ୍ ସ୍ଥାନରେ ଦରଜ କରାଯାଇନଥିବ ବା ଭୁଲ୍ ବିବରଣୀ ସହ କରାଯାଇଥିବ, ସେ ତାଙ୍କ ନାମ ଦରଜ କରାଇବା ପାଇଁ ବା ତାଲିକା ସଂଶୋଧନ କରାଇବା ପାଇଁ ନିର୍ବାଚନ ଅଧିକାରୀଙ୍କ ଠାରେ ତାଙ୍କର ଦାବି ଉପସ୍ଥାପନ କରିପାରିବେ ।

ଯେଉଁ ବ୍ୟକ୍ତିଙ୍କ ନାମ ଏହି ତାଲିକାଭୁକ୍ତ ହୋଇଥିବ ଏବଂ ତାଙ୍କର ତାଲିକାଭୁକ୍ତ ନାମର ସଠିକତା ସଂକ୍ରାନ୍ତରେ ଆପତ୍ତି କରିବାକୁଥିବ ବା ତାଙ୍କ ନିଜ ନାମ କିମ୍ବା ତାଲିକାରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମ ଅନ୍ତର୍ଭୁକ୍ତ ହୋଇଥିବା ସମ୍ବନ୍ଧରେ ଆପତ୍ତି କରାଇବାକୁ ଥିବ, ସେ ତାଙ୍କର ଆପତ୍ତି ନିର୍ବାଚନ ଅଧିକାରୀଙ୍କ ଠାରେ ଦାଖଲ କରିପାରିବେ ।

ଦାବିଗୁଡ଼ିକ ଫାରମ III ଓ ଆପତ୍ତିଗୁଡ଼ିକ ଫାରମ IVରେ ଦାଖଲ କରାଯିବ । ଦରାଖାସ୍ତକାରୀଙ୍କୁ ଫାରମ ଗୁଡ଼ିକର କପି ବିନାମୂଲ୍ୟରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଯୋଗାଇ ଦିଆଯିବ ।

ଦାବୀ ଓ ଆପତ୍ତି ଗୁଡ଼ିକ ବ୍ୟକ୍ତିଗତ ଭାବେ ଦାଖଲ କରାଯାଇ ପାରିବ କିମ୍ବା ଡାକ ଯୋଗେ ବା ବାର୍ତ୍ତାବାହାକଙ୍କ ଦ୍ୱାରା ପଠାଯାଇ ପାରିବ । ସମସ୍ତ କ୍ଷେତ୍ରରେ ଏ ଗୁଡ଼ିକ ନିର୍ବାଚନ ଅଧିକାରୀଙ୍କ ଏହି ଠିକଣାରେ **ନିର୍ବାଚନ ଅଧିକାରୀ, ହିନ୍ଦୋଳ, ଉପ-ଜିଲ୍ଲାପାଳ ହିନ୍ଦୋଳଙ୍କ କାର୍ଯ୍ୟାଳୟ, ହିନ୍ଦୋଳ** ତା. **୨୯.୦୧.୨୦୨୩ ରିଖ ଠାରୁ ୦୩.୦୨.୨୦୨୩** ସୁଦ୍ଧା କାର୍ଯ୍ୟ ଦିବସର ଧାର୍ଯ୍ୟ ସମୟ ମଧ୍ୟରେ ପହଞ୍ଚିବା ଆବଶ୍ୟକ ।

ବ୍ୟକ୍ତିଗତ ଭାବେ ଅଥବା ବାର୍ତ୍ତାବାହକଙ୍କ ଦ୍ୱାରା ଦାଖଲ କାର୍ଯ୍ୟ କେବଳ କାର୍ଯ୍ୟ ଦିବସର ଧାର୍ଯ୍ୟ ସମୟ ମଧ୍ୟରେ କରାଯିବ ।

ଯେଉଁ ଦାବି ଓ ଆପତ୍ତିମାନ ଉପଯୁକ୍ତ ଫାରମରେ ଦାଖଲ କରାଯାଇନଥିବ କିମ୍ବା ଉପରୋକ୍ତ ତାରିଖ ଓ ସମୟ ମଧ୍ୟରେ କରାଯାଇନଥିବ, ସେଗୁଡ଼ିକୁ ଅଗ୍ରାହ୍ୟ କରାଯିବ ।

ଯଥାସମୟରେ ଓ ଉଚିତ ଫାରମ ମାଧ୍ୟମରେ ପ୍ରାପ୍ତ ସମସ୍ତ ଦାବି ଓ ଆପତ୍ତିର ଶୁଣାଣି ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ତା. **୦୯.୦୨.୨୦୨୩ ରିଖ ନିର୍ବାଚନ ଅଧିକାରୀ, ହିନ୍ଦୋଳ ଅଧିସୂଚିତ କ୍ଷେତ୍ର ପରିଷଦ-ତଥା- ଉପ-ଜିଲ୍ଲାପାଳ ହିନ୍ଦୋଳଙ୍କ କାର୍ଯ୍ୟାଳୟ, ହିନ୍ଦୋଳ** ସ୍ଥାନରେ କରାହେବ ।

**ନିର୍ବାଚନ ଅଧିକାରୀ**

ତାରିଖ........୨୮-୦୧-୨୦୨୩

ELECTION OFFICER
HINDOL NAC